ଓଡ଼ିଶା ରାଜ୍ୟ

ବନାମ

ସୁଧାକର ଦାସ (ମୃତ) ଉତ୍ତରାଧିକାରୀଙ୍କ ଦ୍ୱାରା

ଫେବୃଆରୀ 23, 2000

[ଡକ୍ଟର ଏ. ଏସ୍. ଆନନ୍ଦ, ମୁଖ୍ୟ ନ୍ୟାୟାଧୀଶ, ଏସ୍. ରାଜେନ୍ଦ୍ର ବାବୁ ଏବଂ ଆର୍. ସି. ଲାହୋଟୀ, ନ୍ୟାୟାଧୀଶ ବୃନ୍ଦ]

*ମଧ୍ୟସ୍ଥତା ଅଧିନିର୍ଣ୍ଣୟ - ଅଧସ୍ତନ ବିଚାରପତି ଅଧିନିର୍ଣ୍ଣୟକୁ ନ୍ୟାୟାଳୟଙ୍କ ଆଦେଶ କଲେ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆବେଦନ ଖାରଜ ହେଲା - ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ - ଅଧିନିର୍ଣ୍ଣୟ ଆଧାରରେ ପାରିତ ବିଚାରାଦେଶର ବୈଧତା ।*

*ମଧ୍ୟସ୍ଥତା-ରାଜିନାମା - ବୃଦ୍ଧି ସର୍ତ୍ତର ଅନୁପସ୍ଥିତି - ଏପରି ଏକ ମାମଲାରେ ବୃଦ୍ଧି ପାଇଁ କୌଣସି ରାଶି ପ୍ରଦାନ କରିବାକୁ ମଧ୍ୟସ୍ଥି କୌଣସି ଅଧିକାରିତା କ୍ଷମତା ଗ୍ରହଣ କରିପାରିବେ ନାହିଁ - ବିଚାର କରାଗଲା ଯେ ବୃଦ୍ଧି ଶୁଳ୍କ ସମ୍ବନ୍ଧରେ ଅଧିନିର୍ଣ୍ଣୟ କରୁଥିବା ବିଚାରାଦେଶ ସ୍ଥାୟୀ ହୋଇପାରିବ ନାହିଁ ।*

*ମଧ୍ୟସ୍ଥି - ବାଦକାଳ ମଧ୍ୟରେ ସୁଧ ପ୍ରଦାନ କରିବାର କ୍ଷମତା - ଠିକାଦାରଙ୍କ ସପକ୍ଷରେ ବାଦକାଳ ମଧ୍ୟରେ ସୁଧ ପ୍ରଦାନ ପର୍ଯ୍ୟନ୍ତ ବିଚାରାଦେଶ ଗ୍ରହଣଯୋଗ୍ୟ ଧରାଯାଇଥିଲା ।*

*ସଚିବ, ଜଳସେଚନ ବିଭାଗ, ଓଡ଼ିଶା ସରକାର ଏବଂ ଅନ୍ୟାନ୍ୟ ବନାମ ଜି. ସି. ରାୟ,* **[1992] 1 SCC 508;** *କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଜଳସେଚନ) ବାଲିମେଳା ଏବଂ ଅନ୍ୟମାନେ ବନାମ ଅଭଦୁତ ଜେନା ଏବଂ ଅନ୍ୟମାନେ,* **[1988] 1 SCC 418, ଉଲ୍ଲେଖ କରାଯାଇଛି ।**

*ମଧ୍ୟସ୍ଥି - ପୂର୍ବ-ସନ୍ଦର୍ଭ ଅବଧି ପାଇଁ ସୁଧ ପ୍ରଦାନ କରିବାର କ୍ଷମତା - ଦେଢ଼ ଦଶନ୍ଧି ଧରି ବିଚାରାଧିନ ଥିବା ମଧ୍ୟସ୍ଥତା ପ୍ରକ୍ରିୟା - ଏହି ଦୃଷ୍ଟିରୁ ଠିକାଦାରଙ୍କୁ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବା ଉପରେ ପୂର୍ବ-ସନ୍ଦର୍ଭ ସୁଧ ପ୍ରଦାନ ସମ୍ବନ୍ଧୀୟ ବିଚାରାଦେଶ କାର୍ଯ୍ୟକାରୀ କରିବାକୁ ଅନୁମତି ଦିଆଯାଇଥିଲା - ଠିକାଦାର ମଧ୍ୟ ଏକ ଅଙ୍ଗୀକାର ପ୍ରଦାନ କରିବା ଉଚିତ୍ ଯେ ଯଦି ତାଙ୍କ ବିରୋଧରେ ପ୍ରସଙ୍ଗର ନିଷ୍ପତ୍ତି ଯାଏ ତେବେ ବ୍ୟାଙ୍କ ଗ୍ୟାରେଣ୍ଟିକୁ ନଗଦ କରିବାକୁ ରାଜ୍ୟ ହକଦାର ହେବ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2256/1984 ।

ବିବିଧ ଆବେଦନ ସଂଖ୍ୟା 209/1982 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା 9.12.83 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ରାଜ କୁମାର ମେହେଟ୍ଟା, ସୁଶ୍ରୀ ମାନା ଚକ୍ରବର୍ତ୍ତୀ ଏବଂ ସୁଶ୍ରୀ ଏମ୍ ସାରଦା ।

ଉତ୍ତରଦାତାଙ୍କ ପାଇଁ ଜେ. କେ. ଦାସ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଧ୍ୟସ୍ଥତା ପ୍ରକ୍ରିୟାରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଉତ୍ପନ୍ନ । ମଧ୍ୟସ୍ଥଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟକୁ ନ୍ୟାୟାଳୟଙ୍କର ଆଦେଶ ବୋଲି ଦର୍ଶାଇ ଅଧସ୍ତନ ବିଚାରପତି, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶ ବିରୁଦ୍ଧରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ଏହି ଆବେଦନରେ ଆମେ ଯେଉଁ ତିନୋଟି ମୁଖ୍ୟ ପ୍ରସଙ୍ଗ ସହିତ ଜଡ଼ିତ, ସେଗୁଡ଼ିକ ହେଲା:

"1.ଠିକାଦାରଙ୍କ ସପକ୍ଷରେ ବୃଦ୍ଧି ପାଇଁ ମଧ୍ୟସ୍ଥି ଏକ ଅଧିନିର୍ଣ୍ଣୟ ପ୍ରଦାନ କରିପାରିଥାନ୍ତେ କି?

2. ମଧ୍ୟସ୍ଥି ଠିକାଦାରଙ୍କ ସପକ୍ଷରେ ବାଦକାଳ ମଧ୍ୟରେ ସୁଧ ପ୍ରଦାନ କରିପାରିଥାନ୍ତେ କି? ଏବଂ

3. ମଧ୍ୟସ୍ଥି ପୂର୍ବ-ସନ୍ଦର୍ଭ ଅବଧି ପାଇଁ ସୁଧ ମଞ୍ଜୁର କରିପାରିଥାନ୍ତେ କି?

ଏହା ବିବାଦୀୟ ନୁହେଁ ଯେ ମଧ୍ୟସ୍ଥତା ଚୁକ୍ତିରେ କୌଣସି ବୃଦ୍ଧି ପାଇଁ ସର୍ତ୍ତ ସ୍ଥାନ ପାଇନଥିଲା । କୌଣସି ବୃଦ୍ଧି ସର୍ତ୍ତର ଅନୁପସ୍ଥିତିରେ, ଜଣେ ମଧ୍ୟସ୍ଥି ବୃଦ୍ଧି ଦିଗରେ କୌଣସି ରାଶି ପ୍ରଦାନ କରିବା ପାଇଁ କୌଣସି ଅଧିକାରିତା କ୍ଷମତା ଗ୍ରହଣ କରିପାରିବେ ନାହିଁ । ବର୍ଦ୍ଧିତ ଶୁଳ୍କ ପ୍ରଦାନ କରୁଥିବା ଅଧିନିର୍ଣ୍ଣୟର ସେହି ଅଂଶ ସ୍ପଷ୍ଟ ଭାବରେ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହା ଏକ ଦୃଶ୍ୟମାନ ଭ୍ରାନ୍ତିରେ ପୀଡିତ । ତେଣୁ, ଏହି ବିଚାରାଦେଶ ଯେତେଦୂର ପର୍ଯ୍ୟନ୍ତ ବୃଦ୍ଧି ଶୁଳ୍କ ପ୍ରଦାନ ସମ୍ବନ୍ଧରେ ଜଡ଼ିତ, ତାହା ତିଷ୍ଠି ରହିପାରିବ ନାହିଁ ।

ରାଜ୍ୟ ପାଇଁ ବିଜ୍ଞ ଓକିଲ, ସୁଶ୍ରୀ ମାନା ଚକ୍ରବର୍ତ୍ତୀଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଇଛି ଯେ ସୁଧ ମଞ୍ଜୁର କରିବା ପାଇଁ ମଧ୍ୟସ୍ଥଙ୍କ କ୍ଷମତା ସମ୍ବନ୍ଧୀୟ ପ୍ରସଙ୍ଗ, ଯେଉଁଠାରେ ବର୍ତ୍ତମାନର ମାମଲା ପରି, ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ସୁଧ ମଞ୍ଜୁରକୁ ନିଷେଧ କରିନଥିଲା ଏବଂ ମଧ୍ୟସ୍ଥଙ୍କ ନିକଟକୁ ପଠାଯାଇଥିବା ବିବାଦରେ ସୁଧ ଦାବି କରିବା ଅନ୍ତର୍ଭୁକ୍ତ ଥିଲା, ତାହା ଆଉ ଅନିର୍ଣ୍ଣିତ ବିଷୟ ହୋଇ ରହିନାହିଁ ଏବଂ *କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଜଳସେଚନ) ବାଲିମେଳା ଏବଂ ଅନ୍ୟମାନେ ବନାମ ଅଭଦୁତ ଜେନା ଏବଂ ଅନ୍ୟମାନେ*, [1998] 1 SCC 418 ରେ ପ୍ରକାଶ ପାଇଥିବା ବିପରୀତ ମତକୁ ଅଗ୍ରାହ୍ୟ କରି *ରାଜ୍ୟ ସଚିବ,*

*ଜଳସେଚନ ବିଭାଗ, ଓଡ଼ିଶା ସରକାର ଏବଂ ଅନ୍ୟମାନେ ବନାମ ଜି. ସି. ରୟ,* [1992] *1 SCC* 508 ରେ ରାଜ୍ୟ ବିରୋଧରେ ଏବଂ ଦାବିଦାରଙ୍କ ସପକ୍ଷରେ ସ୍ଥିର ହୋଇଛି । ଏହି ବିଚାରାଦେଶ ତେଣୁ ବାଦକାଳ ମଧ୍ୟରେ ଉତ୍ତରଦାତାମାନଙ୍କ ସପକ୍ଷରେ ଯେଉଁ ସୁଧ ପ୍ରଦାନ କରିଥାଏ, ଏହା ତିଷ୍ଠିରହିଥାଏ ଏବଂ ଏହା ଉପରେ ଆପତ୍ତି କରିବା ବିଫଳ ହୋଇଥାଏ ।

ଏହି ମାମଲାର କାର୍ଯ୍ୟଧାରା ପ୍ରାୟ ଦେଢ଼ ଦଶନ୍ଧି ଧରି ବିଚାରାଧୀନ ରହିଛି ଏବଂ 1975 ମସିହାରେ ମଧ୍ୟସ୍ଥତା ଏହି ନିର୍ଦ୍ଦେଶ ଦେବାକୁ ଆରମ୍ଭ ହୋଇଥିଲା ଯେ ଉତ୍ତରଦାତା କେବଳ ସେହି ପରିମାଣ ରାଶିର ବ୍ୟାଙ୍କ ଗ୍ୟାରେଣ୍ଟି ଏକ ପ୍ରତିଶ୍ରୁତି ସହିତ ପ୍ରଦାନ କରିବା ପରେ ପୂର୍ବ-ସନ୍ଦର୍ଭ ସୁଧ ପ୍ରଦାନ ସମ୍ବନ୍ଧୀୟ ଡିକ୍ରି କାର୍ଯ୍ୟକାରୀ କରିବେ ଯେ ଯଦି ସାମ୍ବିଧାନିକ ବିଚାରପୀଠ, ଯାହାଙ୍କୁ *କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଢେଙ୍କାନାଳ କ୍ଷୁଦ୍ର ଜଳସେଚନ ବିଭାଗ, ଓଡ଼ିଶା* ବନାମ *ଏନ. ସି. ବୁଦ୍ଧିରାଜ (ମୃତ) ଉତ୍ତରାଧିକାରୀଙ୍କ ଦ୍ୱାରା* (1984 ର ଦେୱାନୀ ଆବେଦନ ସଂଖ୍ୟା 3586/1984 ) ରେ ଏହି ପ୍ରସଙ୍ଗକୁ ବିଚାରାର୍ଥେ ପଠାଯାଇଛି, ଡିକ୍ରିଧାରୀ-ଉତ୍ତରଦାତାଙ୍କ ବିରୁଦ୍ଧରେ ନିଷ୍ପତ୍ତି ନିଅନ୍ତି, ତେବେ ରାଜ୍ୟ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରାପ୍ତ କରିବାକୁ ହକଦାର ହେବ, ଏହି ତଥ୍ୟକୁ ଧ୍ୟାନରେ ରଖି ପୂର୍ବ - ସନ୍ଦର୍ଭ ଅବଧି ପାଇଁ ସୁଧ ଅଧିନିର୍ଣ୍ଣୟ ଆମ ପାଇଁ ଉପଯୁକ୍ତ ମନେହୁଏ । ଉତ୍ତରଦାତାମାନେ ସାମ୍ବିଧାନିକ ବିଚାରପୀଠ ସମ୍ମୁଖରେ ମାମଲା ବିଚାରଧୀନତା ସମୟରେ ବ୍ୟାଙ୍କ ଗ୍ୟାରେଣ୍ଟି ଜୀବନ୍ତ ରଖିବେ ଏବଂ ବ୍ୟାଙ୍କ ଗ୍ୟାରେଣ୍ଟି ଓ ଅଙ୍ଗୀକାର ପ୍ରଦାନ କରିବା ପରେ ଉତ୍ତରଦାତାମାନେ ସେହି ସମ୍ବନ୍ଧରେ ଡିକ୍ରି କାର୍ଯ୍ୟକାରୀ କରିପାରିବେ ।

ତେଣୁ, ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଆବେଦନଟିର ଫଇସଲା କରାଯାଇଛି । ଆକ୍ଷେପିତ ରାୟ ଏବଂ ଡିକ୍ରି ସେହି ଅନୁଯାୟୀ ପରିବର୍ତ୍ତିତ ହେବ । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନ ଫଇସଲା ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*

ସୁବୋଧ ରାଉତ,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।